# NATIONAL NEWS BULLETIN (ODIA)

**26 May- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଦେଶର ବିକାଶ ଲାଗି ୧୪୦ କୋଟି ଭାରତୀୟ ଏକମନରେ କାର୍ଯ୍ୟ କରୁଛନ୍ତି – କହିଲେ ପ୍ରଧାନମନ୍ତ୍ରୀ

- ଏନ୍‌ଡିଏ ନେତୃତ୍ୱାଧୀନ ସରକାରକୁ ପୂରିଲା ୧୧ ବର୍ଷ

–୨୦୧୪ ମସିହା ଆଜିର ଦିନରେ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ ନରେନ୍ଦ୍ର ମୋଦୀ

- ଚଳିତ ଶିକ୍ଷାବର୍ଷରେ ଭାରତରେ କ୍ୟାମ୍ପସ ପ୍ରତିଷ୍ଠା କରିବେ ୧୪ଟି ବିଦେଶୀ ବିଶ୍ୱବିଦ୍ୟାଳୟ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ସନ୍ଧ୍ୟାରେ ମୁହାଁମୁହିଁ ହେବେ ପଞ୍ଜାବ କିଙ୍ଗ୍‌ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ

## ପିଏମ୍ ଟୁ-ରୋଡ୍‌ଶୋ

୧୪୦ କୋଟି ଭାରତୀୟ ଏବେ ଦେଶର ବିକାଶ ଲାଗି ଏକ ମନରେ କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ସେ କହିଛନ୍ତି ଦେଶର ବିକାଶ ଲାଗି ଯାହା କିଛି ଆବଶ୍ୟକ, ତାହା ଭାରତରେ ହିଁ ନିର୍ମାଣ ହେବ; କାରଣ ଏହା ହେଉଛି ସମୟର ଆବଶ୍ୟକତା । ଶ୍ରୀ ମୋଦୀ ଆଜି ଗୁଜରାଟରେ ବିଭିନ୍ନ ବିକାଶମୂଳକ

ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବା ଅବସରରେ ଏହା କହିଛନ୍ତି ।

**V/O (PM-1)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜରାଟର ଦାହୋଦଠାରେ ୨୪ ହଜାର କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ଗୁଜରାଟକୁ ଦୁଇଦିନିଆ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଦାହୋଦ ଲୋକମୋଟିଭ୍ ନିର୍ମାଣ ପ୍ଲାଣ୍ଟକୁ ଲୋକାର୍ପଣ କରିଛନ୍ତି। ଆସନ୍ତା ୧୧ ବର୍ଷ ମଧ୍ୟରେ ଏହି ପ୍ଲାଟରୁ ୧ ହଜାର ୨୦୦ ବିଦ୍ୟୁତ୍ ଆଧାରିତ ଲୋକମୋଟିଭ୍‌ସ ଉତ୍ପାଦନ କରିବାର ଲକ୍ଷ୍ୟ ରଖାଯାଇଛି । ୨୧ ହଜାର କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ଲାଣ୍ଟ ଆଧୁନିକ ଲୋକମୋଟିଭ୍ ଉତ୍ପାଦନ ସହ ରେଳବାଇର ମାଲ୍ ପରିବହନ କ୍ଷମତା ବୃଦ୍ଧି କରିବାରେ ସହାୟକ ହେବ। ଏହି ପ୍ରକଳ୍ପ ମେକ୍ ଇନ୍ ଇଣ୍ଡିଆ ଦୃଷ୍ଟିକୋଣକୁ ପୂରଣ କରିବା ସହିତ ବିଶ୍ୱ ପାଇଁ ପ୍ରସ୍ତୁତ ପଦକ୍ଷେପକୁ ମଧ୍ୟ ତ୍ୱରାନ୍ୱିତ କରିବ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୯ ହଜାର ଅଶ୍ୱଶକ୍ତି ବିଶିଷ୍ଟ ବୈଦ୍ୟୁତିକ ଲୋକମୋଟିଭ୍ ଇଞ୍ଜିନ୍‌ର ଶୁଭାରମ୍ଭ କରିଛନ୍ତି । ଏହା ଦେଶର ସବୁଠାରୁ ଶକ୍ତିଶାଳୀ ରେଳ ଇଞ୍ଜିନ୍ ଭାବେ ମାନ୍ୟତା ପାଇଛି । ୫ ହଜାର ଟନ୍ ବିଶିଷ୍ଟ ମାଲବାହୀ ଡବାକୁ ଘଣ୍ଟା ପ୍ରତି ୧୨୦ କିଲୋମିଟର ବେଗରେ ଏହି ଇଞ୍ଜିନ୍ ଟାଣିନେବାର କ୍ଷମତା ରଖିଛି । ଏ ସଂପର୍କରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି:

**V/O**

ଶ୍ରୀ ମୋଦୀ ଏହା ପୂର୍ବରୁ ଭଦୋଦରାରେ ଏକ ରୋଡ୍ ଶୋ’ କରିଥିଲେ । ପ୍ରଧାନମନ୍ତ୍ରୀଙ୍କୁ ଦେଖିବା ଲାଗି ରାସ୍ତାର ଉଭୟ ପାର୍ଶ୍ୱରେ ବହୁସଂଖ୍ୟାରେ ଲୋକମାନେ ଏକତ୍ରିତ ହୋଇଥିଲେ ।

---

## ପିଏମ୍-୧୧ ଇୟର

ଏନ୍‌ଡିଏ ନେତୃତ୍ୱାଧୀନ କେନ୍ଦ୍ର ସରକାର ଆଜି ୧୧ ବର୍ଷ ପୂରଣ କରିଛି । ଭାରତର ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ ଦୀର୍ଘ ୧୧ ବର୍ଷର କାର୍ଯ୍ୟକାଳ ପୂରଣ କରିଛନ୍ତି । ୨୦୧୪ ମସିହା ଆଜିର ଦିନରେ ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ମୋଦୀ ଶପଥ ଗ୍ରହଣ କରିଥିଲେ । ସେହିଦିନଠାରୁ ଭାରତର ଆଧୁନିକ ରାଜନୈତିକ ଇତିହାସରେ ପରିବର୍ତ୍ତନ ଦେଖାଦେଇଥିଲା । ୩୦ ବର୍ଷର ମିଳିତ ଶାସନ ବ୍ୟବସ୍ଥାକୁ ପ୍ରତିହତ କରି ବିଜେପି ଲୋକମାନଙ୍କୁ ଏକ ସ୍ୱଚ୍ଛ ଏବଂ ନିର୍ଣ୍ଣାୟକ ଶାସନ ବ୍ୟବସ୍ଥା ପ୍ରଦାନ କରିଆସିଛି ।

୨୦୧୪ ମସିହା ମଇ ମାସ ୨୬ ତାରିଖ ସନ୍ଧ୍ୟାରେ ରାଷ୍ଟ୍ରପତି ଭବନ ପ୍ରାଙ୍ଗଣରେ ଦେଶର ଚତୁର୍ଦ୍ଦଶ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ ନରେନ୍ଦ୍ର ମୋଦୀ । କୋଟି କୋଟି ଭାରତୀୟଙ୍କ ପାଇଁ ନୂତନ ଆଶା ସଂଚାର କରି ଦେଶର ପ୍ରମୁଖ ନେତୃତ୍ୱ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ଶ୍ରୀ ମୋଦୀ ।

**V/O (PM Oath)**

ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଦେଶର ଗରିବ ଜନସାଧାରଣଙ୍କ ପାଇଁ ଜୀବନଧାରଣର ମାନରେ ଗୁଣାତ୍ମକ ପରିବର୍ତ୍ତନ

ଦିଗରେ ପ୍ରୟାସ ଆରମ୍ଭ ହୋଇଥିଲା । ଶ୍ରୀ ମୋଦୀ ବିକାଶମୂଳକ ରାଜନୀତି ଉପରେ ଆସ୍ଥା ସ୍ଥାପନ କରିଥିଲେ ।

ଫଳରେ "ସବ୍ କା ସାଥ୍-ସବ୍ କା ବିକାଶ- ସବ୍‌କା ବିଶ୍ୱାସ ଓ ସବ୍ କା ପ୍ରୟାସ"ର ମନ୍ତ୍ର ନେଇ ଆରମ୍ଭ ହୋଇଥିଲା ଭାରତୀୟ ରାଜନୈତିକ ଦୃଶ୍ୟପଟରେ ପରିବର୍ତ୍ତନର ନୂଆ ସ୍ୱର । ଗତ ୧୧ ବର୍ଷରେ ଦେଶର ପ୍ରତ୍ୟେକଟି କ୍ଷେତ୍ରରେ ପରିବର୍ତ୍ତନ ଘଟିଛି ଏବଂ ଲୋକମାନଙ୍କ ମଧ୍ୟରେ ବିଶ୍ୱାସ ଜାଗ୍ରତ ହୋଇଛି । ସାଧାରଣ ଲୋକଙ୍କର ଆବଶ୍ୟକତା ପୂରଣଠାରୁ ଆରମ୍ଭ କରି ଭିତ୍ତିଭୂମିର ବିକାଶ, ଅର୍ଥନୈତିକ ବ୍ୟବସ୍ଥାର ସୁଦୃଢ଼ୀକରଣ, ରୋଜଗାର ସୃଷ୍ଟି, ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ବିଶ୍ୱ ସ୍ତରରେ ଦେଶର ମାନ ବୃଦ୍ଧି ଦିଗରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ଆଜି ବିଶ୍ୱରେ ନୂଆ ପରିଚୟ ପାଇଛି । ବିଶ୍ୱରେ ଭାରତ ଚତୁର୍ଥ ବୃହତ ଅର୍ଥନୀତିରେ ପରିଣତ ହୋଇଛି ଏବଂ ୨୦୪୭ ସୁଦ୍ଧା ଦେଶକୁ ବିକଶିତ କରିବା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱ ନିଶ୍ଚିତ ସଫଳତା ଆଣିବ ବୋଲି ଆଶା କରାଯାଉଛି ।

## ପ୍ରଧାନ-ଲିଭରପୁଲ୍ ୟୁନିଭର୍ସିଟି

ଚଳିତ ଶିକ୍ଷାବର୍ଷରେ ଭାରତରେ ୧୪ଟି ବିଦେଶୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପ୍ରତିଷ୍ଠା କରିବେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ସଂପର୍କରେ ସୂଚନା ଦେଇ କହିଛନ୍ତି, ସଂପୃକ୍ତ ବିଦେଶୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଭାରତରେ କ୍ୟାମ୍ପସ୍ ପ୍ରତିଷ୍ଠା ଲାଗି ସରକାର ଅନୁମତି ପ୍ରଦାନ କରିଛନ୍ତି । ଆଜି ନୂଆଦିଲ୍ଲୀରେ ଲିଭର୍‌ପୁଲ୍ ବିଶ୍ୱବିଦ୍ୟାଳୟକୁ ଅନୁମତିପତ୍ର ପ୍ରଦାନ ଉତ୍ସବରେ ମନ୍ତ୍ରୀ ଶ୍ରୀ ପ୍ରଧାନ

କହିଛନ୍ତି, ଉଚ୍ଚଶିକ୍ଷା କ୍ଷେତ୍ରରେ ବିଶ୍ୱର ପ୍ରମୁଖ ବିଶ୍ୱବିଦ୍ୟାଳୟ ସହ ଭାଗିଦାରୀ ଦେଶର ଶିକ୍ଷା କୈନ୍ଦ୍ରିକ ପଦକ୍ଷେପକୁ ଆହୁରି ଆଗକୁ ନେବ ।

ଗଣମାଧ୍ୟମକୁ ସମ୍ବୋଧିତ କରି ମନ୍ତ୍ରୀ କହିଛନ୍ତି, ଆସନ୍ତାବର୍ଷରୁ ଲିଭର୍‌ପୁଲ୍ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ କାର୍ଯ୍ୟ କରିବ । ଗୁଜରାଟରେ ଅଷ୍ଟ୍ରେଲିଆର ୨ଟି ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି ।

**V/O**

---

# ଶାହା-ନାଗପୁର

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜିଠାରୁ ୩ ଦିନିଆ ମହାରାଷ୍ଟ୍ର ଗସ୍ତରେ ଯାଇଛନ୍ତି । ପୂର୍ବାହ୍ନରେ ନାଗପୁରର ଜାମଠା ସ୍ଥିତ ଜାତୀୟ କ୍ୟାନସର ପ୍ରତିଷ୍ଠାନର ସ୍ୱସ୍ତି ନିବାସର ଶିଳାନ୍ୟାସ କରିଛନ୍ତି । ଅପରାହ୍ନରେ କାମଠି ଅନ୍ତର୍ଗତ ଚିଚୋଲିସ୍ଥିତ ଜାତୀୟ ଫୋରେନ୍‌ସିକ୍ ସାଇନ୍ସ ବିଶ୍ୱବିଦ୍ୟାଳୟର ନାଗପୁର କ୍ୟାମ୍ପସର ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି । ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ଜେ.ଏମ୍. ବ୍ୟାସ୍ କହିଛନ୍ତି, ଏହି ନୂତନ କ୍ୟାମ୍ପସ ଦକ୍ଷ ଫୋରେନ୍‌ସିକ୍ ବିଶେଷଜ୍ଞ ସୃଷ୍ଟି କରିବାରେ ସହାୟକ ହେବ । ବିଶ୍ୱବିଦ୍ୟାଳୟର ଏହା ୧୧ତମ କ୍ୟାମ୍ପସ ହୋଇଥିବା ବେଳେ ମହାରାଷ୍ଟ୍ରରେ ପ୍ରଥମ ବୋଲି ଡକ୍ଟର ବ୍ୟାସ୍ କହିଛନ୍ତି । ଶ୍ରୀ ଶାହା ଆଜି ନାନ୍ଦେଡ ଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ।

ଶ୍ରୀ ଶାହା ଆସନ୍ତାକାଲି ମୁମ୍ବାଇରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

---

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ସୁନିଶ୍ଚିତ ଅଗ୍ନି ନିରାପତ୍ତା: ଧନଜୀବନର ସୁରକ୍ଷା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଦିଲ୍ଲୀ ଅଗ୍ନିଶମସେବା ନିର୍ଦ୍ଦେଶାଳୟର ପରାମର୍ଶଦାତା ପ୍ରଶାନ୍ତ ଲୋନକର ଏବଂ ନିର୍ଦ୍ଦେଶକ ଅତୁଲ ଗର୍ଗ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

---

## ଫରେନ ଡେଲିଗେସନ

କଂଗ୍ରେସ ସାଂସଦ ଶଶୀଥରୁରଙ୍କ ନେତୃତ୍ୱାଧୀନ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଗତକାଲି ଗାଏନାଠାରେ ପହଞ୍ଚିଛନ୍ତି । ଚେଦି ଜଗନ ଆନ୍ତର୍ଜାତିକ ବିମାନ ବନ୍ଦରଠାରେ ତାଙ୍କୁ ସ୍ୱାଗତ କରାଯାଇଥିଲା । ଆତଙ୍କବାଦ ବିରୁଦ୍ଧରେ ଭାରତର ଶୂନ୍ୟ ସହନଶୀଳ ନୀତି ସଂପର୍କରେ ଆଲୋକପାତ କରିବା ଲକ୍ଷ୍ୟ ନେଇ ଏହି ସର୍ବଦଳୀୟ ମଣ୍ଡଳୀ ଗାଏନା ଗସ୍ତରେ ଅଛନ୍ତି । ଗାଏନାସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛି, ଆତଙ୍କବାଦ ବିରୁଦ୍ଧରେ ଭାରତ ଦୃଢ଼ ଏବଂ ଏକାଠି ରହିଛି ।

ଏନ୍‌ସିପି ସାଂସଦ ସୁପ୍ରିୟା ସୁଲେଙ୍କ ନେତୃତ୍ୱାଧୀନ ପ୍ରତିନିଧି ମଣ୍ଡଳୀ କାତାର ପ୍ରମୁଖ ସମ୍ବାଦପତ୍ର ଅଲ୍ ସାର୍କ ଏବଂ ପେନିନ୍ ସୁଲା ର ସମ୍ପାଦକୀୟ

ମଣ୍ଡଳୀ ସହ ଆଲୋଚନା କରିଛନ୍ତି । ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ଏବଂ ଏହି ପରିପ୍ରେକ୍ଷୀରେ ଭାରତର ପଦକ୍ଷେପ ସଂପର୍କରେ ଏହି ପ୍ରତିନିଧି ମଣ୍ଡଳୀ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି । ସୀମାମାର ଆତଙ୍କବାଦକୁ ପ୍ରତିହତ କରିବା ଲାଗି ଭାରତର ନୀତି ଏବଂ ଆଭିମୁଖ୍ୟ ଉପରେ ପ୍ରତିନିଧିମଣ୍ଡଳୀ ସେଠାକାର ଗଣମାଧ୍ୟମକୁ ଅବଗତ କରାଇଥିଲେ ।

ବିଜେପି ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱାଧୀନ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଆଜି ଏବଂ ଆସନ୍ତାକାଲି କୁଏତ୍ ଠାରେ କୂଟନୈତିକ ସ୍ତରୀୟ ଆଲୋଚନାରେ ଅଂଶ ଗ୍ରହଣ କରିବେ । ଆତଙ୍କବାଦ ବିରୁଦ୍ଧରେ ଭାରତର ଆଭିମୁଖ୍ୟ ସଂପର୍କରେ ଏହି ପ୍ରତିନିଧି ମଣ୍ଡଳୀ ସେଠାକାର ନେତୃବୃନ୍ଦଙ୍କୁ ଅବଗତ କରାଇବେ ।

---

## ମାଳଦୀପ ଏଫ୍ଏମ୍ ଭିଜିଟ୍

ମାଳଦୀପ ବୈଦେଶିକ ମନ୍ତ୍ରୀ ଡକ୍ଟର ଅବଦୁଲ୍ଲା ଖଲିଲ୍ ୩ ଦିନିଆ ଭାରତ ଗସ୍ତରେ ଆସି ଗତକାଲି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଡକ୍ଟର ଖଲିଲ୍ଙ୍କର ଏହା ହେଉଛି ତୃତୀୟ ଭାରତ ଗସ୍ତ । ଉଭୟ ଦେଶ ମଧ୍ୟରେ ଉଚ୍ଚସ୍ତରୀୟ ରାଜନୈତିକ ତଥା ନିରନ୍ତର ବିକାଶ ନେଇ ଆଲୋଚନା ବୈଠକ ଅନୁଷ୍ଠିତ ହେବ । ଡକ୍ଟର ଖଲିଲ୍ ଆଜି ଭାରତ-ମାଳଦୀପ ବ୍ୟାପକ ଅର୍ଥନୀତିକ ଏବଂ ସାମୁଦ୍ରିକ ସୁରକ୍ଷା ସହଯୋଗ ଉପରେ ଭିଜନ ଡକ୍ୟୁମେଣ୍ଟର କାର୍ଯ୍ୟକାରିତା ନେଇ ଆଲୋଚନା କରିବେ ।

ଗତବର୍ଷ ଅକ୍ଟୋବରରେ ମାଳଦୀପ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜୁଙ୍କ ଭାରତ ଗସ୍ତ ଅବସରରେ ଦୁଇଦେଶ ମଧ୍ୟରେ ଏହି ସହଯୋଗ ନେଇ ସହମତି ପ୍ରକାଶ

ପାଇଥିଲା । ଡକ୍ଟର ଖଲିଲ୍‌ଙ୍କ ଏହି ଗସ୍ତ ଅବସରରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କରଙ୍କ ସହ ମଧ୍ୟ ଆଲୋଚନା ବୈଠକରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

---

## ଆଇପିଏଲ୍ କ୍ରିକେଟ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ପଞ୍ଜାବ କିଙ୍ଗ୍‌ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଜୟପୁରର ସବାଇ ମାନସିଂ ଷ୍ଟାଡିୟମରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ ।

ଗତକାଲି ଆଇପିଏଲ୍ ଟି-୨୦ ଶୃଙ୍ଖଳାରେ ୨ଟି ମ୍ୟାଚ୍ ଖେଳାଯାଇଥିଲା । ପ୍ରଥମ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସ ଗୁଜରାଟ ଟାଇଟନ୍‌ସକୁ ୮୩ ରନ୍‌ରେ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୁ ୧୧୦ ରନ୍‌ରେ କୋଲକାତା ନାଇଟ୍ ରାଇଡର୍ସକୁ ପରାସ୍ତ କରିଥିଲା ।

ପଏଣ୍ଟ ତାଲିକାରେ ୧୮ ପଏଣ୍ଟ ସହ ଗୁଜରାଟ ଟାଇଟନ୍ସ ପ୍ରଥମସ୍ଥାନରେ ଥିବାବେଳେ ୧୭ ପଏଣ୍ଟ ସହ ପଞ୍ଜାବ କିଙ୍ଗସ୍ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି ।

---